## ପ୍ରଧାନଶିକ୍ଷକଙ୍କଠାରୁ ୨ ମୟୂର ଉଦ୍ଧାର କଲା ବନ ବିଭାଗ

ମାଲକାନଗିରି, (ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ରେଞ୍ଜ ଅଧୀନ ସାଲିମି ବନବିଭାଗ କର୍ମଚାରୀ ମହୁପଦର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ଦୁଇଟି ମୟୂର ଉଦ୍ଧାର କରିଛନ୍ତି। ଏନେଇ କୌଣସି ସୂତ୍ରରୁ ଖବର ପାଇ ଶନିବାର ସାଲିମି ଫରେଷ୍ଟର କ୍ଷୀରଲତା ନାୟକ ମୟୂର ଦୁଇଟିକୁ ଉଦ୍ଧାର କରିଥିଲେ। ଖବରରୁ ଜଣାପଡିଛି ନିକଟସ୍ଥ ତୁଳସୀ ପାହାଡରୁ ଦୁଇଟି ମୟୂର ମହୁପଦର ଗ୍ରାମକୁ ପଳାଇ ଆସିଥିଲେ। ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀଶଙ୍କର ଦଳବେହେରା ମୟୂର ଦୁଇଟି ଆଣି ନିଜ ଘରେ ରଖିଥିଲେ। ଏ ସମ୍ପର୍କରେ କ୍ଷୀରଲତା ଜାଣିବା ପରେ ବିଭାଗୀୟ କର୍ମଚାରୀଙ୍କୁ ନେଇ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନିକଟରୁ ମୟୂର ଦୁଇଟିକୁ ଉଦ୍ଧାର କରି ଆଣି ତୁଳସୀ ପାହାଡରେ ଛାଡି ଦେଇଥିଲେ।

## ବାଇକ୍ ଦୁର୍ଘଟଣା: ୩ ଗୁରୁତର

ଦଶମନ୍ତପୁର, ୨୫।୪(ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ପଞ୍ଚାୟତ ଅନ୍ତର୍ଗତ ପାତ୍ରବାଘରି ଗ୍ରାମ ନିକଟରେ ଏକ ରବିବାର ବାଇକ୍ ଦୁର୍ଘଟଣା ଗସ୍ତ ହୋଇଛି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଳାହାଣ୍ଡି ଜିଲାର କିଶୋର ମାଝୀ, ରାୟଗଡା ଜିଲା କାଶୀପୁରର ନକୁଳ ନାୟକ ଓ ଦଶମନ୍ତପୁର ବ୍ଲକ ଖୁଜୁରିପୁଟ ଗ୍ରାମର ବୈଦ ସାଉନ୍ତା। ଖବରରୁ ଜଣାପଡିଛି କିଶୋର ଓ ନକୁଳ ଶନିବାର ବୈଦଙ୍କ ଘରକୁ ଆସିଥିଲେ। ସମସ୍ତେ ମିଶି ଏକ ବାଇକ୍ ଯୋଗେ କୌଣସି କାମରେ ଟିକିରି ଆଭିମୁଖେ ଯାଉଥିଲେ। ପାତ୍ରବାଘରିଠାରେ ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ରାସ୍ତାକଡକୁ ଛିଟିକି ପଡିଥିଲେ। ଏନେଇ ଖବର ପାଇ ବିଧାୟକ ପ୍ରଭୁ ଜାନି ଓ ବ୍ଲକ ଉପାଧକ୍ଷ ନାରାୟଣ ବିଶୋୟୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ସେମାନଙ୍କୁ କୋରାପୁଟ ପଠାଯାଇଛି।

# ବିନା ମାସ୍କରେ କୋଭିଡ୍ କେୟାର ସେଣ୍ଟରରେ କର୍ମଚାରୀ କରୁଛନ୍ତି ଡ୍ୟୁଟି



ମାସ୍କ ପିନ୍ଧି ନ ଥିବା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

- ବି.ଏଡ କଲେଜ ପରିସରରେ ହୋଇଛି ଏହି ସେଣ୍ଟର
- ଡିଆରଡିଏ ପିଡିଙ୍କ ସ୍ଥିତି ସମୀକ୍ଷା ବେଳେ ଜଣାପଡ଼ିଲା
- ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ହୋଇ ଲଙ୍ଘିଛନ୍ତି ନିୟମ

ମାଲକାନଗିରି,୨୫।୪ (ଡି.ଏନ୍.ଏ.)

କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ସହ ଅନ୍ୟାନ୍ୟ ନିୟମ କଡ଼ାକଡ଼ି କରି ଲାଗୁ କରିଛନ୍ତି। ଜନସାଧାରଣ ଏଥିରେ ବ୍ୟତିକ୍ରମ କଲେ ଜରିମାନା ଆଦାୟ କରୁଛନ୍ତି। ମାତ୍ର କୋଭିଡ୍ କେୟାର ସେଣ୍ଟରରେ ଦାୟିତ୍ୱରେ ଥିବା କର୍ମଚାରୀ ଏହାକୁ ମାନୁନାହାନ୍ତି। ସେମାନେ ମାସ୍କ ବ୍ୟବହାର ନ କରି କାର୍ଯ୍ୟ କରିବା ପରି ଘଟଣା ମାଲକାନଗିରି ଜିଲାରେ ନଜରକୁ ଆସିଛି। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ବି.ଏଡ କଲେଜ ପରିସରରେ ହୋଇଥିବା କୋଭିଡ୍ କେୟାର ସେଣ୍ଟରରେ କର୍ମଚାରୀଙ୍କ ଏପରି ଦାୟିତ୍ୱହୀନତା ଚର୍ଚ୍ଚାର ବିଷୟ ହୋଇଛି।

ଖବରରୁ ଜଣାପଡ଼ିଛି, କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଶାସନ ବି.ଇଡି. କଲେଜ ପରିସରରେ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ନିଷ୍ପତ୍ତି ନେଇଥିଲା। ଏହି କେନ୍ଦ୍ର ଦାୟିତ୍ୱରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସନ୍ତୋଷ କୁମାର ମହାନ୍ତିଙ୍କୁ ରଖାଯାଇଛି। ରବିବାର ଏହି ସେଣ୍ଟରକୁ ଡିଆରଡିଏ ପିଡି ବାଳ ମୁକୁନ୍ଦ ଭୂୟାଁ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ସନ୍ତୋଷ ମାସ୍କ ପରିଧାନ ନ କରି ନିଜ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଥିଲା। ଭୂୟାଁ ଏବଂ ତାଙ୍କ ସହ ଆସିଥିବା କର୍ମଚାରୀ ମାସ୍କ ପିନ୍ଧିଥିବା ବେଳେ ସନ୍ତୋଷ ମାସ୍କ ପିନ୍ଧି ନ ଥିଲେ। ଏହା ଦେଖି ଭୂୟାଁ ତାଙ୍କୁ ତାଗିଦ୍ କରିବା ସହ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ତେବେ କୋଭିଡ୍ କେୟାର ସେଣ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଦାୟିତ୍ୱ ନେଇଥିବା ପୁଣି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ହୋଇ ଏପରି କୋଭିଡ୍ କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରିବା ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ସନ୍ତୋଷଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସାରା ସହର ଉପରେ ପ୍ରଶାସନ, ପୋଲିସର କଡ଼ା ନଜର


ସହର ଉପରେ ପୋଲିସ ନଜର ରଖିଛି ।

ଜୟପୁର, ୨୫।୪ (ନି.ପ୍ର.)

କୋରାପୁଟ ଜିଲାରେ ରବିବାର ୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥିରୁ ଜୟପୁର ପୌରାଞ୍ଚଳର ୧୭ ରହିଛନ୍ତି। କରୋନା ସଂକ୍ରମଣ ଦ୍ୱିତୀୟ ଲହରରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ କରିଛନ୍ତି। କୋରାପୁଟ ଜିଲା ମଧ୍ୟ ଏଥିରୁ ବାଦ୍ ପଡିନି। ଜୟପୁର, କୋରାପୁଟ, କୋଟପାଡ଼, ସୁନାବେଡ଼ା, ସେମିଳିଗୁଡ଼ା ସହରରେ ଶଟ୍‌ଡାଉନ୍ ସହ ସନ୍ଧ୍ୟା ୬ରୁ ସକାଳ ୫ଟା ଯାଏ ୧୪୪ ଧାରା ଜାରି ରହିଛି। ଦୋକାନ ବଜାର, ବସ୍ ଚଳାଚଳ ବନ୍ଦ ରହିଛି। ପ୍ରଶାସନ ପକ୍ଷରୁ ଏସଡିପିଓ ଅରୂପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ମାଙ୍କ ସମେତ କର୍ମଚାରୀମାନେ ସହରରେ ପାଟ୍ରୋଲିଂ କରି ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରି ଲୋକଙ୍କୁ ସଚେତନ କରୁଛନ୍ତି। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦେଉଛନ୍ତି। ଅତିରିକ୍ତ ତହସିଲଦାର ଅଶ୍ୱିନ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କ ସହ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇ ସହର ଉପରେ ନଜର ରଖିଛନ୍ତି। ଆବଶ୍ୟକ ସ୍ଥଳରେ ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

# ହାଇଡ୍ରୋଲିକ ଟେକ୍ନୋଲୋଜି ପ୍ରଣାଳୀରେ ହେବ ବ୍ରିଜ ସ୍ଥାନାନ୍ତର

ଜୟପୁର, ୨୫।୪ (ନି.ପ୍ର.)

**ଉମୁରି ରେଲୱେ ଦ୍ୱିତୀୟ ଓଭର ବ୍ରିଜ**


ହାଇଡ୍ରୋଲିକ ଟେକ୍ନୋଲୋଜି ପ୍ରଣାଳୀରେ ହେଉଥିବା ବ୍ରିଜ୍ କାର୍ଯ୍ୟ।

ଜୟପୁର ଜାତୀୟ ରାଜପଥ ନଂ.-୨୬ର ଜୟପୁର-ବୋରିଗୁମ୍ମା ମଧ୍ୟରେ ଥିବା ଉମୁରିସ୍ଥିତ ରେଲୱେର ଦ୍ୱିତୀୟ ଓଭର ବ୍ରିଜ କାମ ଶନିବାରଠାରୁ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟାରେ ରହିଥିବା ବ୍ରିଜ୍‌ର ଦୁଇପାର୍ଶ୍ୱ ରାସ୍ତା ଚଉଡା କରି ପୁରୁଣା ବ୍ରିଜ୍‌କୁ ତା' ମଧ୍ୟରେ ସ୍ଥାପନ କରାଯିବ। ଉନ୍ନତ ବୈଷୟିକ କୌଶଳ ବ୍ୟବହାର କରି ଏପରି ସ୍ଥାନାନ୍ତର କରାଯାଉଥିବା ଜଣାପଡିଛି। ଏଥିପାଇଁ ୭ଦିନ ମଧ୍ୟରେ ରାସ୍ତା ୧୫୦ ମିଟର ଚଉଡା କରାଯିବ। ୫୦ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ଏବଂ ୧୫୦ ଫୁଟରୁ ଅଧିକ ଲମ୍ବ ଥିବା ଏହି ବ୍ରିଜ ସ୍ଥାନାନ୍ତର ପାଇଁ ହାଇଡ୍ରୋଲିକ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହି ବ୍ରିଜ୍ କାମ ଶେଷ ହେବା ପରେ ଏହା ତଳ ଦେଇ ରେଳ ଚଳାଚଳ ସ୍ୱାଭାବିକ ଭାବେ କରିପାରିବ। ପୂର୍ବରୁ ହାଇଡ୍ରୋଲିକ ଜ୍ୟାକ ବ୍ୟବହାର କରି ଗୋଟିଏ ଘର ସ୍ଥାନାନ୍ତର ବ୍ୟବସ୍ଥା ହୋଇପାରୁଥିବା ବେଳେ ଏବେ ଜୟପୁରରେ ହାଇଡ୍ରୋଲିକ ଟେକ୍ନୋଲୋଜି ପ୍ରଣାଳୀରେ ବ୍ରିଜ୍ ସ୍ଥାନାନ୍ତର ହେବ। ଏହି କାର୍ଯ୍ୟକୁ ଏସଡିପିଓ ଅରୂପ ଅଭିଷେକ ବେହେରା, ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ତଦାରଖ କରୁଛନ୍ତି । ସୂଚନାଯୋଗ୍ୟ, ଏନେଇ ଜିଲାପାଳ ମହମ୍ମଦ ଅବଦୁଲ ଅଖତରଙ୍କ ନିର୍ଦ୍ଦେଶରେ ଏହି ରାସ୍ତାରେ ଟ୍ରାଫିକ କଟକଣା ଜାରି କରାଯାଇଛି। ଭାରିଯାନ ଏବଂ ହାଲୁକା ଯାନ ଚଳାଚଳ ଲାଗି ୪ଟି ସ୍ଥାନରେ ଡାଇଭର୍ସନ କରାଯାଇଛି। ଜୟପୁର ଏନ୍‌ଏଚ୍ ଡିଭିଜନ ଅଫିସ, ଉମୁରି ଏଫ୍‌ସିଆଇ ଗୋଦାମ, ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଏବଂ କୋରାପୁଟ ଟ୍ରାଫିକ ଛକଠାରେ ଏହି ଡାଇଭର୍ସନମାନ କରାଯାଇଛି। କୋରାପୁଟରୁ ବୋରିଗୁମ୍ମା ଅଭିମୁଖେ ଆସୁଥିବା ସମସ୍ତ ଭାରିଯାନ ରାଣୀଗଡ଼ ଘାଟିରାସ୍ତା ଦେଇ ବୋରିଗୁମ୍ମା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପାଖରେ ଜାତୀୟ ରାଜପଥକୁ ବାହାରିବ। ସେହିପରି ଜୟପୁରରୁ ବୋରିଗୁମ୍ମା ଅଭିମୁଖେ ଯାଉଥିବା ହାଲୁକା ଯାନଗୁଡିକ ଜାତୀୟ ରାଜପଥ କାର୍ଯ୍ୟାଳୟ ନିକଟରେ ଯାଇଥିବା ରାସ୍ତାରେ ମକାପୁଟ ଦେଇ ଉମୁରି ଏଫ୍‌ସିଆଇ ଗୋଦାମ ଛକରେ ବାହାରିବ। ସପ୍ତାହେ ଯାଏ ଏପରି ଡାଇଭର୍ସନ ଦେଇ ଗାଡ଼ି ମୋଟର ଚଳାଚଳ କରିବ।

## ୫୯ କେଜି ଗଞ୍ଜେଇ ଜବତ, ୨ ଗିରଫ

କୋରାପୁଟ,୨୫।୪(ସ୍ୱ.ପ୍ର.)- ଗଞ୍ଜେଇ ଚୋରା ଚାଲାଣ ବେଳେ କୋରାପୁଟ ଜିଲା ମାଛକୁଣ୍ଡ ପୋଲିସ ଏହାକୁ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୫୯ କେଜି ୧୦୦ ଗ୍ରାମ ବୋଲି ଜଣାପଡିଛି। ଏଥିରେ ଜଡିତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନାଗିରି ଜିଲା ପଣସପୁଟ ଅଞ୍ଚଳର ଅର୍ଜୁନ ମୁକେଇ (୩୦) ଓ ଗୋପୀନାଥ ଖେମୁଣ୍ଡୁ (୩୦)। ଖବରରୁ ଜଣାପଡିଛି ଶନିବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ବୋଲେରୋ (ନଂ. ଓଡି ୧୦ ପି-୭୫୬୬)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଗାଡିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ସହ ବୋଲେରୋ ଜବତ କରି ଥାନାକୁ ଅଣାଯାଇଥିଲା। ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଆଇ ଡମ୍ବରୁଧର ଭତ୍ରିଆ କହିଛନ୍ତି।

## ରେଳ ଷ୍ଟେସନରେ ପ୍ରବାସୀଙ୍କ ଯାଞ୍ଚ


ଷ୍ଟେସନରେ ଯାଞ୍ଚ ଲାଗି ଧାଡିରେ ଅପେକ୍ଷାରତ ପ୍ରବାସୀ।

କୋରାପୁଟ,୨୫।୪(ସ୍ୱ.ପ୍ର.)

ରାଜ୍ୟରେ କୋରନା ତାର କାୟା ବିସ୍ତାର କରିଚାଲିଛି। ଏଥିପାଇଁ ସରକାର ସମସ୍ତ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ନେଇଛନ୍ତି। ଏହା ସତ୍ତ୍ୱେ କୋରାପୁଟ ଜିଲାରେ ଦିନକୁ ଦିନ କୋରନା ପଜିଟିଭଙ୍କ ସଂଖ୍ୟା ବଢିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ଭୁବନେଶ୍ୱରରୁ ଭାୟା ବିଜୟନଗରମ ଦେଇ ସ୍ୱତନ୍ତ୍ର ଟ୍ରେନରେ ଆସୁଥିବା ସମସ୍ତ ଯାତ୍ରୀଙ୍କୁ କୋରାପୁଟ ରେଳ ଷ୍ଟେଶନଠାରେ ଧାଡିବାନ୍ଧି ଛିଡା କରି ସେମାନଙ୍କ ଥର୍ମାଲ ସ୍କାନିଂ କରାଯାଇଥିଲା। ଏହି ପ୍ରବାସୀଙ୍କ ନାମ ଓ ଠିକଣା ଲେଖାଯିବା ସହ କୋଭିଡ ଗାଇଡଲାଇନ ପାଳନ କରୁଛନ୍ତି କି ନାହିଁ ପଚରାଉଚରା କରାଯାଇଥିଲା। ଏହି ସମୟରେ ଏସଡିପିଓ ଗୁଣନିଧି ମଲ୍ଲିକ ଓ ଷ୍ଟେସନ ମ୍ୟାନେଜର ଉପସ୍ଥିତ ଥିଲେ।

दिल्ली सरकार
आप की सरकार

ଦିଲ୍ଲୀ ସରକାର ଅକ୍ସିଜେନ୍ ପରିବହନ ପାଇଁ କ୍ରାୟୋଜେନିକ୍ ଟ୍ୟାଙ୍କର୍ସ ଆବଶ୍ୟକ କରୁଛନ୍ତି

ଦିଲ୍ଲୀରେ ଭାରି ମାତ୍ରାରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି । ଯଦି ଆପଣ କିମ୍ବା ଆପଣଙ୍କ ସଂସ୍ଥା ନିକଟରେ ଅକ୍ସିଜେନ୍ ଓ ତାହାର ପରିବହନ ପାଇଁ ଟ୍ୟାଙ୍କର୍ସ ଉପଲବ୍ଧ ଅଛି, ତେବେ ଦିଲ୍ଲୀ ସରକାର ଆପଣଙ୍କର ସହଯୋଗ ଆବଶ୍ୟକ କରୁଛନ୍ତି । ଆପଣଙ୍କ ନିକଟରେ ଅକ୍ସିଜେନ୍ ପରିବହନ ପାଇଁ ଖାଲି କ୍ରାୟୋଜେନିକ୍ ଟ୍ୟାଙ୍କର୍ ରହିଥିଲେ ମଧ୍ୟ ଆମକୁ ସୂଚିତ କରନ୍ତୁ । ଏହାଦ୍ୱାରା ଅନ୍ୟ ସ୍ଥାନରୁ ଅକ୍ସିଜେନ୍ ଆଣିବାରେ ଆମକୁ ସହାୟତା ମିଳିବ । ଏହା ଏକ ଜରୁରିକାଳୀନ ଆବଶ୍ୟକତା ଅଟେ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ । ଦିଲ୍ଲୀବାସୀ ସବୁଦିନ ପାଇଁ ଆପଣଙ୍କ ନିକଟରେ ଋଣୀ ରହିବେ ।

ଆପଣଙ୍କର ଏହି ସହଯୋଗ ଦ୍ୱାରା ଆମକୁ ହଜାର ହଜାର ଭାଇ ଭଉଣୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାରେ ସହାୟତା ମିଳିବ ।

ଯୋଗାଯୋଗ କରନ୍ତୁ-
ଶ୍ରୀ ଏସ୍.ଏମ୍. ଅଲୀ, ସ୍ୱତନ୍ତ୍ର ସଚିବ
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଦିଲ୍ଲୀ ସରକାର
Phone: 9871006453, 011-23392018
Email: specialsechealth@gmail.com

DIP/Shabdarth/D/0009/21-22

ସୂଚନା ଏବଂ ପ୍ରସାରଣ ନିର୍ଦ୍ଦେଶାଳୟ, ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

**କୋରାପୁଟ: ୭୧ କରୋନା ଆକ୍ରାନ୍ତ ଚିହ୍ନଟ**

କୋରାପୁଟ,(ସ୍ୱ.ପ୍ର.)- କୋରାପୁଟ ଜିଲାରେ ରବିବାର ୭୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୬ ମହିଳା ଓ ୪୫ ପୁରୁଷ ରହିଛନ୍ତି। ସମସ୍ତେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଜିଲାର ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୧୭ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୭, ସୁନାବେଡା ପୌରାଞ୍ଚଳରୁ ୫ ଓ କୋଟପାଡ ଏନଏସିରୁ ୪ ଚିହ୍ନଟ ହୋଇଛନ୍ତି। ସେହିପରି ବନ୍ଧୁଗାଁ ବ୍ଲକ ଅଞ୍ଚଳରୁ ୧୦ ଜଣ, ସେମିଳିଗୁଡା ବ୍ଲକରୁ ୫, ଜୟପୁର ବ୍ଲକରୁ ୫, ବୋରିଗୁମ୍ମା ବ୍ଲକରୁ ୫, କୋରାପୁଟ ବ୍ଲକରୁ ଜଣେ, କୋଟପାଡ ବ୍ଲକରୁ ୩ , ଦଶମନ୍ତପୁର ବ୍ଲକରୁ ୩, ଲକ୍ଷ୍ମୀପୁର ବ୍ଲକରୁ ୪, ପଟ୍ଟାଙ୍ଗି ବ୍ଲକରୁ ଜଣେ ଓ କୁନ୍ଦୁରା ବ୍ଲକରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲାରେ ୨ ଲକ୍ଷ ୮ ହଜାର ୮୮୨ ଜଣ ଟିକା ନେଇ ସାରିଲେଣି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ନବରଙ୍ଗପୁର (ବି.ପ୍ର.)/ନନ୍ଦାହାଣ୍ଡି, ୨୫।୪

ନବରଙ୍ଗପୁର ସହରରୁ ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ଗାଁକୁ ସଂଯୋଗ କରୁଥିବା ଏକ ପୋଲ ନିକଟରୁ ୬ଶହ ମିଟର ଦୂରରେ ଥିବା ଗୋଟିଏ ଗଛରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ନବରଙ୍ଗପୁର ଏସ୍ଆଇ ସୁଚିତ୍ରା ଜୟସିଂ, ଏଏସ୍ଆଇ ଅଶୋକ ଦେଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତ ଯୁବକଙ୍କ ପରିଚୟ ଏଯାଏ ମିଳିପାରିନି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ନଂ.୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

### ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ପାପଡାହାଣ୍ଡି,୨୫।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବସ୍ଷ୍ଟାଣ୍ଡ ଛକରେ ରବିବାର ଏକ କାଜୁ ଚୋପା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ସୂଚନା ଅନୁଯାୟୀ, ଏକ ଟ୍ରକ (ଓଆର୍-୧୦ଜି-୬୧୧୮)ଟ୍ରକଟି ସିନ୍ଧିଗୁଡା ଗ୍ରାମରୁ ବୋରିଗୁମ୍ମା ଯାଉଥିଲା। ଏହି ସମୟରେ ପାପଡାହାଣ୍ଡି ବସ୍ଷ୍ଟାଣ୍ଡ ଛକରେ ଭାରସାମ୍ୟ ହରାଇ ତାହା ଓଲଟି ପଡିଥିଲା। ଏହି ସମୟରେ ସେଠାରେ ଥୁଆ ହୋଇଥିବା ଏକ ସ୍କୁଟି ଗାଡି ତଳେ ହୋଇଯାଇଥିଲା। ଖବରପାଇ ପାପଡାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ଏକ ଜେସିବି ଅଣାଯାଇ ଟ୍ରକ୍କୁ ଉଠାଇବା ବ୍ୟବସ୍ଥା କରାଯାଉଛି ବୋଲି ପୋଲିସ ସୂଚନା ଦେଇଛି।

### ଜୁଗୁଡ଼ା ଜେଏନ୍ଭିରୁ ୭ କରୋନା ପଜିଟିଭ

#### ୨ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

ରାୟଗଡ଼ା ଅଫିସ,୨୫।୪- ।ୟଗଡ଼ା ଜିଲା କୋଲନରା ବ୍ଲକ୍ ଜୁଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍ଭି)ରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ହେବାପରେ ଏହି ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ୨ଟି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି କଟକଣା ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା, ସାନିଟାଇଜ୍ ଏବଂ ଅନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟବସ୍ଥା ନିମନ୍ତେ କୋଲନରା ବିଡିଓ ତାପସ ଭୋଇ, ସିଏଚ୍ସିର ମେଡିକାଲ ଅଫିସର ଏବଂ କୋଲନରା ତହସିଲଦାର ମାନସୀ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି।

# ୨୦୧୭ରୁ ଜିଲାରେ ହୋଇନି ମ୍ୟାଲେରିଆ ମୃତ୍ୟୁ

■ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ
■ ସବୁବର୍ଷ କମୁଛି ସଂକ୍ରମିତଙ୍କ ସଂଖ୍ୟା

ନବରଙ୍ଗପୁର,୨୫।୪(ବି.ପ୍ର.)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଛି। ସିଡିଏମ୍ଓ ଚୌଧୁରୀ ଶୋଭାରାଣୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାକୁ ମ୍ୟାଲେରିଆ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ୨୦୧୭ରେ ୧୬,୮୭୫, ୨୦୧୮ରେ ୩୧୮୨, ୨୦୧୯ରେ ୧୫୧୨ ଓ ୨୦୨୦ରେ ୧୪୨୧ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ୨୦୧୭ରୁ ଏଯାଏ ଜିଲାରେ ଗୋଟିଏ ବି ମ୍ୟାଲେରିଆ ମୃତ୍ୟୁ ହୋଇନି ବୋଲି ସିଡିଏମ୍ଓ କହିଛନ୍ତି। ଏଲ୍ଏଲ୍ଆଇଏନ୍ ମଶାରି ବ୍ୟବହାର ଓ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ଗାଇଡ୍ଲାଇନ୍ରେ ପାଳିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଜିଲା ମ୍ୟାଲେରିଆ ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଜିଲା ଆକାଉଣ୍ଟ ମ୍ୟାନେଜର ସୁରେନ୍ଦ୍ର କୁମାର ସାହୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ମ୍ୟାଲେରିଆ ଅଧିକାରୀ ଧନୁରାମ ମୁର୍ମୁ, ଭିବିଡି କନ୍ସଲ୍ଟାଣ୍ଟ ଦିନେଶ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗମ୍ବୁଶିଆ ମାଛ ପ୍ରଜନନ କେନ୍ଦ୍ର ଉଦ୍ଘାଟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଯେଉଁଠାରେ ପାଣି ଜମି ମ୍ୟାଲେରିଆ ମଶା ବଂଶ ବୃଦ୍ଧି କରନ୍ତି ସେଠାରେ ଗମ୍ବୁଶିଆ ମାଛ ଛାଡିଲେ ତାହା ମଶା ବଂଶ ନାଶ କରନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

**ଏମ୍ପିଙ୍କ ସହଯୋଗରେ ବ୍ରହ୍ମପୁରରୁ ଆସିଲା ମୃତଦେହ**

ନବରଙ୍ଗପୁର/ଝରିଗାଁ, ୨୫।୪(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ଜଣେ ପ୍ରସୂତିଙ୍କର ବ୍ରହ୍ମପୁର ଏମ୍କେସିଜି ମେଡିକାଲରେ ମୃତ୍ୟୁ ହୋଇଛି। ତେବେ ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ସେଠାରୁ ମୃତଦେହ ଆଣିବାରେ ଅସୁବିଧା ହୋଇଥିଲା। ନବରଙ୍ଗପୁର ଏମ୍ପି ରମେଶ ମାଝିଙ୍କ ହସ୍ତକ୍ଷେପ ପରେ ମୃତଦେହ ବ୍ରହ୍ମପୁରରୁ ନବରଙ୍ଗପୁର ଆସିଛି। ମୃତ ମହିଳା ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚେପଟିଆମ୍ବା ଗାଁର ସୁନଧର ଜାନୀଙ୍କ ସ୍ତ୍ରୀ ଧନମତି।

ସୂଚନା ଅନୁଯାୟୀ, ଧନମତି ତାଙ୍କର ଦ୍ୱିତୀୟ ଗର୍ଭଧାରଣ କରିଥିଲେ। ଶରୀର ଫୁଲିଯିବା ସହ ସେ ଗୁରୁତର ଥିଲେ। ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କୁ ୨୦ ତାରିଖରେ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ୨୩ ତାରିଖରେ ତାଙ୍କୁ କୋରାପୁଟ ମେଡିକାଲ କଲେଜ ଓ ପରେ ବ୍ରହ୍ମପୁର ଏମ୍କେସିଜି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ୧୨ଟାରେ ସେଠାରେ ପହଞ୍ଚି ଥିଲେ। ରାତି ୧ରେ ତାଙ୍କୁ ବେଡ୍ ଦିଆଗଲା। ରବିବାର ସକାଳ ୧୧ଟାରେ ଆଇସିୟୁକୁ ନିଆଯାଇଥିଲା। ୧୨ଟାରେ ଡାକ୍ତର ଆସିଥିଲେ। ୧ଟାରେ ଧନମତିଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ରାତି ୧୨ରୁ ଦିନ ୧୨ଟା ୧୨ ଘଣ୍ଟା ପର୍ଯ୍ୟନ୍ତ ଧନମତିଙ୍କୁ କେହି ଦେଖି ନ ଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଚିକିତ୍ସା ଅବହେଳାରୁ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି ବୋଲି ସୁନାଧର ଅଭିଯୋଗ କରିଛନ୍ତି। ଆମ୍ବୁଲାନ୍ସ ନ ମିଳିବାରୁ ସେ ଏମ୍ପି ରମେଶଚନ୍ଦ୍ର ମାଝିଙ୍କ ସହ ଯୋଗାଯୋଗ କରିଥିଲେ। ଏମ୍ପି ମାଝି ଗଞ୍ଜାମ ଜିଲାପାଳଙ୍କ ସହ ଆଲୋଚନା କରି ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ନାରାୟଣ ନାୟକ ମୃତଦେହ ଆଣିବାପାଇଁ ସମସ୍ତ କାଗଜପତ୍ର କରାଇଦେଇଥିଲେ। ସନ୍ଧ୍ୟା ୬ଟାରେ ମୃତଦେହ ବ୍ରହ୍ମପୁରରୁ ନବରଙ୍ଗପୁର ଅଭିମୁଖେ ବାହାରିଛି।

# ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଜବରଦଖଲ ଉଚ୍ଛେଦ

ମୁନିଗୁଡ଼ା,୨୫।୪(ଡି.ଏନ୍.ଏ.)

ସପ୍ତାହାନ୍ତ ଶଟ୍ଡାଉନ୍ର ଦ୍ୱିତୀୟ ଦିନରେ ରବିବାର ରାୟଗଡ଼ା ଜିଲା ମୁନିଗୁଡ଼ା ସହରରେ ପୋଲିସ, ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସଦର ଡାକ୍ତରଖାନା ଛକର ଉଭୟ ପାର୍ଶ୍ୱରେ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ଜବରଦଖଲ ଯୋଗୁ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଡାକ୍ତରଖାନା ମଧ୍ୟକୁ ଯିବାରେ ଅସୁବିଧା ହେଉଛି। ସେହିପରି ଉଭୟ ପାର୍ଶ୍ୱରେ ରହିଥିବା ହୋଟେଲ, ପରିବା ଦୋକାନ, ଫାଷ୍ଟଫୁଡ୍ ଦୋକାନରେ ଲୋକଙ୍କ ଭିଡ଼ ଜମୁଥିଲା। ତେଣୁ କୋଭିଡ୍ ପରିସ୍ଥିତିକୁ ନଜରରେ ରଖି ଏଗୁଡ଼ିକୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଗୌଡ଼ ସାହି ଛକ ନିକଟ ଏବଂ ବ୍ଲକ୍ ଅଫିସଠାରୁ ରେଞ୍ଜ ଅଫିସ ପର୍ଯ୍ୟନ୍ତ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିପୂର୍ବରୁ ଥାନା ସମ୍ମୁଖରୁ ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯାଇଥିଲା। ଉଚ୍ଛେଦବେଳେ ତହସିଲଦାର ଦେବାଶିଷ ଗୌଡ଼ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବାବେଳେ ବିଷମକଟକ ଏସ୍ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ସମେତ ପୋଲିସ ଟିମ୍ ଉପସ୍ଥିତ ଥିଲେ। ତେବେ ଉଚ୍ଛେଦ ସ୍ଥାନରେ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ନିମନ୍ତେ ପ୍ରତିକ୍ଷାଳୟ ନିର୍ମାଣ ନିମନ୍ତେ ଦାବି ହେଉଛି।


ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲିଛି।

# ୫ଦିନ ମଇଦଲପୁର ଶଟ୍ଡାଉନ

ପାପଡ଼ାହାଣ୍ଡି/ମଇଦଲପୁର, ୨୫।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତକୁ ସରପଞ୍ଚ ଶୁଭଲକ୍ଷ୍ମୀ ପାଣ୍ଡିଆ ପାଞ୍ଚଦିନ ଶଟ୍ଡାଉନ୍ ଘୋଷଣା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବଢୁଥିବା ସଂକ୍ରମଣ ଉପରେ ରୋକ ଲଗାଇବାକୁ ସେ ଏପରି ନିଷ୍ପତ୍ତି ନେଇଛନ୍ତି।

ସୂଚନା ଅନୁଯାୟୀ, କରୋନା ମହାମାରୀକୁ ଆଖି ଆଗରେ ରଖି ସରପଞ୍ଚ, ଫାଣ୍ଡି ଅଧିକାରୀ ଅନାମ ଦିଆନ, ଜିଲା ପରିଷଦ ସଭ୍ୟ ଧନପତି ହରିଜନ, ସରୋଜ ପାଣ୍ଡିଆ, ଅରୁଣ ବାହୁକ, ତ୍ରିନାଥ ପଟ୍ଟନାୟକ, ଉପେନ୍ଦ୍ର ପ୍ରଧାନୀ, ଗିରିଧର ହରିଜନ ପ୍ରମୁଖ ଏକ ବୈଠକ କରିଥିଲେ। ସୋମବାରଠାରୁ ଶୁକ୍ରବାର (୨୬ରୁ ୩୦ ତାରିଖ) ପର୍ଯ୍ୟନ୍ତ ମଇଦଲପୁରକୁ ଶଟ୍ଡାଉନ୍ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଉଛି। ଲୋକଙ୍କ ସୁବିଧା ପାଇଁ ସନ୍ଧ୍ୟା ୪ଟା ରୁ ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ ବୋଲି ସରପଞ୍ଚ କହିଛନ୍ତି।

# ଜଗୁଛି ପୋଲିସ, ଦିନରେ ବି ରାତିର ସ୍ଥିତି


ନବରଙ୍ଗପୁର ସହରରେ ଶଟ୍ଡାଉନ୍ ବେଳେ ପୋଲିସ ଯାଞ୍ଚ କରୁଛି ।

ନବରଙ୍ଗପୁର, ୨୫।୪ (ବି.ପ୍ର.)

ସପ୍ତାହାନ୍ତ ଶଟ୍ଡାଉନ୍ର ରବିବାର ଥିଲା ଦ୍ୱିତୀୟ ଦିନ। ଶନିବାର ଭଳି ରବିବାର ମଧ୍ୟ ନବରଙ୍ଗପୁର ଜିଲାରେ ଶଟ୍ଡାଉନ୍ର ପ୍ରଭାବ ଦେଖିବାକୁ ମିଳିଥିଲା। ରାସ୍ତାଘାଟ ସବୁ ଥିଲା ଶୂନ୍ଶାନ। ପ୍ରଚଣ୍ଡ ଖରା ସତ୍ତ୍ୱେ ବି ରାସ୍ତା ଉପରେ ପୋଲିସ ଜଗି ବସିଥିଲା। ଦୋକାନ ବଜାର ସବୁ ବନ୍ଦ ରହିଥିଲା। ରବିବାର କରୋନା ସଂକ୍ରମିତଙ୍କ ସଂଖ୍ୟା ନୂଆ ରେକର୍ଡ କରିଛି। ଶନିବାର ଜିଲାରୁ ୨୨୪ ଆକ୍ରାନ୍ତ ବାହାରି ଥିବାବେଳେ ରବିବାର ୩୧୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଉମରକୋଟ ପୌରାଞ୍ଚଳରୁ ୧୫ ଓ ବ୍ଲକରୁ ୩୭, ନବରଙ୍ଗପୁର ପୌରାଞ୍ଚଳରୁ ୯ ଓ ବ୍ଲକରୁ ୭, ଝରିଗାଁ ବ୍ଲକରୁ ୨୯, ରାଇଘରରୁ ୭୨, ଚନ୍ଦାହାଣ୍ଡିରୁ ୯୬, ଡାବୁଗାଁରୁ ୨, ପାପଡାହାଣ୍ଡି ବ୍ଲକରୁ ୭, କୋଷାଗୁମୁଡ଼ାରୁ ୨, ନନ୍ଦାହାଣ୍ଡିରୁ ୬ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଥିବା ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। ବାହାରକୁ ଯିବାବେଳେ ମାସ୍କ ଏବଂ ସାନିଟାଇଜ ବ୍ୟବହାର କରିବାକୁ କୁହାଯାଉଛି।

## ରାୟଗଡ଼ା ଜିଲାରୁ ୧୦୪ ପଜିଟିଭ, ୨ ମୃତ

ରାୟଗଡ଼ା ଅଫିସ,୨୫।୪

ରାୟଗଡ଼ା ଜିଲାରେ କରୋନା ସ୍ଥିତି ଧୀରେ ଧୀରେ ସଙ୍ଗିନ ହେଉଛି। ପ୍ରତ୍ୟେକ ଦିନ ଶତାଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବିଶେଷକରି ରାୟଗଡ଼ା ସହରାଞ୍ଚଳରେ ସଂକ୍ରମଣ ବୃଦ୍ଧିପାଉଛି। ଶନିବାର ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୬ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଆଉ ୧୦୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୪୩, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୦, ଗୁଣପୁର ସହରାଞ୍ଚଳରୁ ୧୫, ଗୁଣପୁର ଗ୍ରାମାଞ୍ଚଳରୁ ୨, ମୁନିଗୁଡ଼ାରୁ ୧୯, କାଶୀପୁରରୁ ୪, ବିଷମକଟକରୁ ୨, କୋଲନରାରୁ ୩, କଲ୍ୟାଣସିଂହପୁରରୁ ୫ ଏବଂ ପଦ୍ମପୁରରୁ ଜଣେ ରହିଛନ୍ତି। ସେହିପରି ୨ ମୃତକଙ୍କ ମଧ୍ୟରେ ଜେକେପୁର ଅଞ୍ଚଳର ଜଣେ ୬୮ ବର୍ଷୀୟା ବୃଦ୍ଧା ଏବଂ ରାୟଗଡ଼ା ସହରାଞ୍ଚଳର ଜଣେ ୫୩ ବର୍ଷୀୟ ପୁରୁଷ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଜଣଙ୍କ ମୃତ୍ୟୁ ନେଇ ସୂଚନା ମିଳିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ନୂତନ ସଂକ୍ରମିତଙ୍କ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୮୭୩୫ ରେ ପହଞ୍ଚିଛି। ସେଥିମଧ୍ୟରୁ ୬୯୩ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜଣାପଡ଼ିଛି।

## ପ୍ରବାସୀ, କୁମ୍ଭମେଳା ଫେରନ୍ତାଙ୍କୁ ଚିହ୍ନଟ

ମୁନିଗୁଡ଼ା,୨୫।୪(ଡି.ଏନ୍.ଏ.)

ଜିଲାପାଳଙ୍କ ନିର୍ଦ୍ଦେଶରେ ରବିବାର ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ଆଶା, ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ଯାଇ କୁମ୍ଭମେଳା ଏବଂ ବାହାର ରାଜ୍ୟ ଫେରନ୍ତାଙ୍କ ବିଷୟରେ ସର୍ଭେ କରିଛନ୍ତି। ସେହିପରି ସଂକ୍ରମିତ ଚିହ୍ନଟ ନିମନ୍ତେ ଥର୍ମାଲ ସ୍କ୍ରିନିଂ ଏବଂ ଅକ୍ସିଜେନ ସ୍ତର ପରୀକ୍ଷା କରାଯାଇଛି। ବାହାରୁ ଆସିଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରି ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଉଛି। ସେହିପରି ସରକାରଙ୍କ ଦ୍ୱାରା ଜାରି ଗାଇଡ୍ଲାଇନ୍ ମାନିବା ଏବଂ କରୋନା ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ନିମନ୍ତେ ସଚେତନ କରାଯାଇଛି।

## ବୃକ୍ଷରୋପଣ କରିବାକୁ ଯାଇ କାଠଗଣ୍ଡି ଜବତ କଲା ବନ ବିଭାଗ


ଜବତ କାଠଗଣ୍ଡି ଓ ବାଇକ୍ ।

କାଲିମେଳା,୨୫।୪(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବନ ବିଭାଗ କର୍ମଚାରୀ ଗମ୍ଭାକୋଣ୍ଡା ସଂରକ୍ଷଣ ଜଙ୍ଗଲ ଅଧୀନରେ ଥିବା ଗମ୍ଭାକୋଣ୍ଡା ଗ୍ରାମ ଜଙ୍ଗଲରୁ ୩ଟି ମୂଲ୍ୟବାନ କାଠଗଣ୍ଡି ଜବତ କରିଛନ୍ତି। ଘଟଣା ସ୍ଥଳରୁ ଗୋଟିଏ ବାଇକ୍ ଜବତ କରାଯାଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ଫରେଷ୍ଟର ସ୍ୱୟଂପ୍ରଭା ପ୍ରଧାନଙ୍କ ସହ ଫରେଷ୍ଟ ଗାର୍ଡ ଗଙ୍ଗା ମାଡି, ପାରା କର୍ମଚାରୀ ଅବିନାଶ ମହାନ୍ତି, ସୁରଜ ଦାସ, ଦିନେଶ ରାଓ ପ୍ରମୁଖ ଗମ୍ଭାକୋଣ୍ଡା ଜଙ୍ଗଲକୁ ବୃକ୍ଷରୋପଣ ପାଇଁ ଯାଇଥିବା ବେଳେ ଉକ୍ତ ସ୍ଥାନରେ ଗୋଟିଏ ଗଛ କଟା ହୋଇ ପଡିଥିବା ଦେଖିବାକୁ ପାଇଥିଲେ । କଟା ଗଛ ନିକଟରେ ୩ଟି ଟିଫିନ ବାକ୍ସ ସହିତ ଏକ ବାଇକ୍ ଥିବା ଦେଖି କର୍ମଚାରୀମାନେ ଏନେଇ ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇଙ୍କୁ ଜଣାଇଥିଲେ। ପରେ ତାଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ କାଠଗଣ୍ଡି ,ଟିଫିନ ବକ୍ସ ଓ ବାଇକ୍ ଜବତ କାଲିମେଳା ଆଣିଥିଲେ। ତେବେ ଏହି ସ୍ଥାନରେ ଗଛ କାଟୁଥିବା ୩ ଜଣ ବ୍ୟକ୍ତି ବନ କର୍ମଚାରୀଙ୍କୁ ଦେଖି ସେଠାରୁ ଖସି ପଳାଇଥିବା ସନ୍ଦେହ କରାଯାଉଛି । ଫରେଷ୍ଟର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ଜବତ କାଠଗଣ୍ଡି,ବାଇକ୍ ଓ ଟିଫିନ ବାକ୍ସକୁ ଆମେ ନେଇ ଆସିଛୁ। ଏନେଇ ଏକ ମାମଲା ରୁଜୁ ହୋଇଛି। ବାଇକ୍ ନମ୍ବରରୁ ତଦନ୍ତ କରି ଆମେ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

# ଶଟ୍ଡାଉନ୍, ସର୍ଭେ କାର୍ଯ୍ୟ ଅନୁଧ୍ୟାନ

ରାୟଗଡ଼ା ଅଫିସ,୨୫।୪

କୋଭିଡ୍ ସଂକ୍ରମଣକୁ ରୋକିବା ନିମନ୍ତେ ରାୟଗଡ଼ା ଜିଲାର ୪ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଯାଞ୍ଚକୁ କଡ଼ାକଡ଼ି କରିବା ସହ ଜରୁରୀ କାମ ନ ଥିଲେ ବାହାରେ ବୁଲିବା ଉପରେ କଟକଣା ଲାଗୁ ହୋଇଛି। ତେବେ ଯାଞ୍ଚ ଏବଂ କଟକଣା କିଭଳି କାର୍ଯ୍ୟକାରୀ ହେଉଛି ସେ ନେଇ ରବିବାର ଜିଲାପାଳ ସରୋଜ କୁମାର ମିଶ୍ର ବିଭିନ୍ନ ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ। ସହରର ରେଳଷ୍ଟେଶନ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଛକ, ମଙ୍ଗଳା ମନ୍ଦିର, ସାରଳା ଛକ, ରଇତ କଲୋନୀ, ଏସ୍ବିଆଇ ଛକ ଆଦି ଅଞ୍ଚଳକୁ ଯାଇ ଜିଲାପାଳ ଯାଞ୍ଚ ବ୍ୟବସ୍ଥାର ତଦାରଖ କରିଥିଲେ। ବାହାର ରାଜ୍ୟରୁ ଏବଂ ବିଶେଷକରି କୁମ୍ଭମେଳାରୁ ଫେରୁଥିବା ଲୋକଙ୍କ ଯାଞ୍ଚକୁ କଡ଼ାକଡ଼ି ପାଇଁ ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ସଚେତନ କରି କରୋନାଠାରୁ ଦୂରେଇ ରଖିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଆର୍ଡିଏ ପିଡି ମହେଶ୍ୱର ନାୟକ, ଗୁଣପୁର ଉପଜିଲାପାଳ ଜେ. ସାନାଲ, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳରେ କୁମ୍ଭମେଳା ଏବଂ ବାହାର ରାଜ୍ୟ ଫେରନ୍ତାଙ୍କ ଚିହ୍ନଟ ନିମନ୍ତେ ଚାଲିଥିବା ସର୍ଭେ କାର୍ଯ୍ୟର ତଦାରଖ କରିଛନ୍ତି । ଡିଆର୍ଡିଏ ପିଡି ରାୟଗଡ଼ାରେ ସ୍ଥିତି ଅନୁଧ୍ୟାନ କରିଥିବାବେଳେ କୋଭିଡ-୧୯ ନୋଡାଲ ଅଧିକାରୀ ନୟକ ବିଷମକଟକ ବ୍ଲକ୍ ଓ ମୁନିଗୁଡ଼ା ବ୍ଲକ୍ ଗସ୍ତକରି କୋଭିଡ୍ କେୟାର ସେଣ୍ଟର, ମୁନିଗୁଡ଼ା ରେଳଷ୍ଟେଶନ ଆଦି ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ।


ଶଟ୍ଡାଉନ୍ବେଳେ ରାୟଗଡ଼ା ସହରରେ ଜିଲାପାଳ, ଏସ୍ପି ଏବଂ ଉପଜିଲାପାଳ ଅମାନିଆଙ୍କ ଉପରେ ନଜର ରଖିଛନ୍ତି।

# ଗୁଣପୁରରେ କୁମ୍ଭମେଳା ଫେରନ୍ତା ଚିହ୍ନଟ ସର୍ଭେ

■ ପୌରାଞ୍ଚଳରୁ ଦିନକରେ ୧୫ ପଜିଟିଭ
■ ୩ ଦିନରେ ୩ ଜଣଙ୍କ ମୃତ୍ୟୁକୁ ନେଇ ଭୟ

ଗୁଣପୁର,୨୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୌରାଞ୍ଚଳରୁ ଦିନକରେ ୧୫ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଶେଷକରି ଗୁଣପୁର ପୌରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ସପ୍ତାହାନ୍ତ ଶଟ୍ଡାଉନ୍ ଯୋଗୁ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ ଓ କଟକଣାକୁ କଡ଼ାକଡ଼ି କରାଯାଇଛି। ତେବେ ଅଞ୍ଚଳରେ ୩ ଦିନରେ ୩ ଜଣଙ୍କ ମୃତ୍ୟୁକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏପ୍ରିଲ୍ ୨୨ରେ ପ୍ରଥମେ ଜଣେ ବ୍ୟକ୍ତି ଗୃହ ସଙ୍ଗରୋଧରେ ଥିବା ସମୟରେ ମୃତ୍ୟୁ ଘଟିଥିଲା। ଏହାପରେ ଅନ୍ୟ ଜଣକ ଘରୁ ବାପା ଏବଂ ପୁଅଙ୍କ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟିଥିଲା। ବାପା ଏବଂ ପୁଅଙ୍କ ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଏମାନଙ୍କର କରୋନାଜନିତ ମୃତ୍ୟୁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଅନ୍ୟପକ୍ଷରେ ରବିବାର ସପ୍ତାହାନ୍ତ ଶଟ୍ଡାଉନ୍ର ଦ୍ୱିତୀୟ ଦିନରେ ଆଶା, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ସ୍ୱଚ୍ଛ ସାଥୀମାନେ ଘରକୁ ଘର ଯାଇ ସର୍ଭେ କରିଛନ୍ତି। କୁମ୍ଭମେଳା ଫେରନ୍ତା ଏବଂ ବାହାର ରାଜ୍ୟରୁ ଆସିଥିବା ଲୋକଙ୍କୁ ଚିହ୍ନଟ କରିବା ସହ ଥର୍ମାଲ୍ ସ୍କ୍ରିନିଂ କରାଯାଇଛି। ଉପଜିଲାପାଳ ଜେ. ସୋନାଲ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହାଦ୍ୱାରା ସଂକ୍ରମିତଙ୍କୁ ସହଜରେ ଚିହ୍ନଟ କରାଯାଇ ପାରିବ ବୋଲି ଆଶା ରହିଛି। ଏହି ସମୟରେ ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ଉମା ଦାସ ମଧ୍ୟ ଉପସ୍ଥିତ ଥିଲେ।


ଘରକୁ ଯାଇ ଲୋକଙ୍କ ଥର୍ମାଲ ସ୍କ୍ରିନିଂ ଏବଂ ଅକ୍ସିଜେନ୍ ସ୍ତର ଯାଞ୍ଚ କରାଯାଉଛି।

# ପାରମ୍ପରିକ ଉପାୟରେ ଖାଦ୍ୟ ସାଇତୁଛନ୍ତି ଆଦିବାସୀ

**ବର୍ଷାଦିନ ପାଇଁ ରଖାଯାଉଛି ଆମେଟ୍**

ଉମରକୋଟ, ୨୫।୪(ସ୍ୱ.ପ୍ର.)

ଆଦିବାସୀମାନଙ୍କ ଜୀବନ ଶୈଳୀ ନିଆରା। ତାଙ୍କର ବେଶ ପୋଷାକ ହେଉ କି ଖାଦ୍ୟ। ତାହାହିଁ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର କରିଥାଏ। ସେମାନେ ବିଶେଷ କରି ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଖାଦ୍ୟ ପାଇଁ ନିର୍ଭର କରିଥାନ୍ତି। ବର୍ଷାଦିନେ ଖାଇବା ମିଳିବାରେ ସମସ୍ୟା ହେଉଥିବାରୁ ସେମାନେ ଖରାଦିନରୁ ହିଁ ଖାଦ୍ୟ ସାଇତି ରଖିଥାନ୍ତି। ଏହି ଖାଦ୍ୟକୁ ଆମଟ୍ ବୋଲି କୁହାଯାଏ।

ନବରଙ୍ଗପୁର ଜିଲାର ଉମରକୋଟର ସମେତ ଅନ୍ୟ ଆଦିବାସୀ ଗାଁଗୁଡ଼ିକରେ ଆମଟ୍ ମିଳେ। ଆମଟ୍ ସାଧାରଣତଃ ଶୁଖିଲା ପରିବା। ଖରାଦିନେ ଆଦିବାସୀମାନେ ଅମୃତଭଣ୍ଡା, ବାଇଗଣ, କଖାରୁ ଆଦି ପରିବାକୁ ଛୋଟଛୋଟ କାଟି ଘର ବାରଣ୍ଡା କିମ୍ବା ଛାତ ଉପରେ କିଛିଦିନ ଶୁଖାଇଥାନ୍ତି। ଶୁଖିବା ପରେ ତାହାକୁ ଡବାରେ ସାଇତି ରଖାଯାଏ। ବର୍ଷାଦିନେ ଜମିବାଡି କାମରେ ବ୍ୟସ୍ତଥିବାବେଳେ ଘରେ ରଖାଯାଇଥିବା ଏହି ଆମଟ୍କୁ ଡାଲି କିମ୍ବା ପେଯରେ ଲୁଣ ହଳଦୀ ପକାଇ ରୋଷେଇ କରିଥାନ୍ତି। ଏହା ଖୁବ୍ ସ୍ୱାଦିଷ୍ଟ ବୋଲି ଆଦିବାସୀମାନେ କୁହନ୍ତି। ଏହା ସେମାନଙ୍କର ଏକ ପାରମ୍ପାରିକ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାତ ସହ ଏହି ଶୁଖିଲା ପରିବା ତରକାରି ବେଶ୍ ସୁଆଦିଆ ଲାଗେ। ଘରକୁ କୌଣସି ଅତିଥି ଆସିଲେ ସେମାନେ ନିଶ୍ଚୟ ଏହି ଆମେଟ୍ ରୋଷେଇ କରି ଖାଇବାକୁ ଦେବାକୁ ଭୁଲନ୍ତି ନାହିଁ।


ଶୁଖାଯାଇଥିବା ଆମେଟ୍।

